# Akashvani, Sambalpur

## SAMBALPURI NEWS EVENING BULLETIN

## 30 December 2024- 7.02 pm- 7.12 pm.

*********************************************

୧- ବୀମାଭୁକ୍ତ ଚାଷୀମାନ୍‌କର୍ ଲାଗି ଫସଲ୍ ନୁକ୍‌ସାନ୍ ସୂଚ୍‌ନା ଦେବାର୍ ସମିଆ ୩ ଦିନ୍ ବଢ଼ାଲେ କେନ୍ଦ୍ର ସର୍‌କାର୍ ।

୨- ଫସଲ୍ ବୀମା ନୁକ୍‌ସାନ୍ ଭର୍‌ନା ଦେବାର୍‌ଥି ହେଳା କଲେ ନିଆଯିବା କଡ଼ା କାର୍ଯ୍ୟାନୁଷ୍ଠାନ୍- କହେଲେ ରାଜସ୍ୱ ମନ୍ତ୍ରୀ ।

୩- ରାଏଜେ ଆଏବା ବଛର୍ ଲାଗୁ ହେବା ଆୟୁଷ୍ମାନ୍ ଭାରତ୍ ଆର୍ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନା- କହେଲେ ସ୍ୱାସ୍ଥ୍ୟମନ୍ତ୍ରୀ ।

୪- ହକି ଇଣ୍ଡିଆ ଲିଗ୍‌ଥି ଆଏଜ୍ ମୁହାଁମୁହିଁ ହେବେ ୟୁପି ରୁଦ୍ରାସ୍ ଆର୍ ବେଦାନ୍ତ କଳିଙ୍ଗ ଲେନ୍‌ସର୍ସ ।

ଆଉର୍

୫- ରାଏଜେ ଆଏଜ୍‌ଠାନୁ ଫେର୍‌ଘାଏ ବଢ଼ିଛେ ଶୀତ୍ ।

ଫସଲ୍ ନୁକ୍ସାନ୍-ସୂଚ୍ନା ତାରିଖ୍ ଭୁବ୍ନେଶ୍ୱର୍

ସମ୍ବାଦଦାତା

କେନ୍ଦ୍ର ସର୍କାର୍ ବୀମା କମ୍ପାନୀମାନ୍କୁ ଫସଲ୍ ନୁକ୍ସାନ୍ ବାବ୍ଦେ ସୂଚ୍ନା ଦେବାର୍ ଲାଗି ଦିଆଯାଇଥିବା ସମିଆକେ ୧ ତାରିଖ୍ତକ୍ ବଢ଼େଇଛନ୍ । ଆଘୋନୁ ଇ ସମିଆ ଗଲାକାଏଲ୍ତକ୍ ଥିଲା । ବୀମା କରିଥିବା ଚାଷୀମାନେ ଆଏବା ୧ ତାରିଖ୍ତକ୍ ସେମାନ୍କର୍ ଫସଲ୍ ନୁକ୍ସାନ୍ ବାବ୍ଦେ କମ୍ପାନୀମାନ୍କୁ ସୂଚ୍ନା ଦେଇପାର୍ବେ । ଇଥିର୍ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆର୍ କେନ୍ଦ୍ର କୃଷି ଆଉ କୃଷକ୍ ସଶକ୍ତିକରଣ୍ ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ଙ୍କୁ ଧନ୍ୟବାଦ୍ ଜନେଇଛନ୍ ।

ସେଆଡ଼େ ରାଏଜେ ଅଦିନିଆ ବର୍ଷା ଲାଗି ହେଇଥିବା ଫସଲ୍ ନୁକ୍ସାନ୍ର ସମୀକ୍ଷା କର୍ବାର୍ ଲାଗି ଆଏଜ୍ ବେଲ୍ବୁଡ଼େ ଗୁଟେ ମନ୍ତ୍ରୀମଣ୍ଡଲ୍ସ୍ତରୀୟ ବୈଠକ୍ ବସ୍ବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିକରି ଚାଷୀମାନ୍କୁ ନାଇଁ ଡର୍ବାର୍ଲାଗି ପରାମର୍ଶ ଦେଇଛନ୍ । ଇ ବାବ୍ଦେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ ଗଲାକାଏଲ୍ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଆର୍ ସେ ନିଜେ ଭିନ୍ ଭିନ୍ ଅଂଚଲ୍ ବୁଲିକରି ଫସଲ୍ ନୁକ୍ସାନ୍ର ଥିତି ବାବ୍ଦେ ସମୀକ୍ଷା କରିଛନ୍ । ଜିଲ୍ଲାମାନ୍କୁ ନୁକ୍ସାନ୍ ରିପୋର୍ଟ ଆସ୍ଲା ଉତ୍ରୁ

ଚାଷୀମାନ୍‌କୁ ତୁରନ୍ତି ଭରନା ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ସୁରେଶ୍ ପୂଜାରୀ ଚାଷ୍ କ୍ଷତିକ୍ଷତି ଆର୍‌ଏନ୍‌ୟୁ/ କଟକ୍

ବୀମା କମ୍ପାନୀମାନେ ଚାଷୀମାନ୍‌କୁ ଫସଲ୍ ବୀମା ଟଙ୍କା ଦେବାର୍‌ଥି ଅବ୍‌ହେଲା କଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ସତର୍କ କରେଇଛନ୍ । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ନୁକ୍‌ସାନ୍ ଦେଖଲା ଉତ୍‌ରୁ ଧାନ୍ ସଙ୍ଗେ ପନିପରିବା, କପା, ମୁଗ୍‌ଫଲି ଚାଷ୍ ଭିଲ୍ କ୍ଷତିଗ୍ରସ୍ତ ହେଇଥିବାର୍ ଜନାପଡ଼ିଛେ । ଆଏଜ୍‌ତକ୍ ୨ ଲାଖ୍ ଚାଷୀ ବୀମା କମ୍ପାନୀମାନ୍‌କର୍ ଠାନେ ଅଭିଯୋଗ୍ କରିଛନ୍ । ନୁକ୍‌ସାନ୍‌ର ରିପୋର୍ଟ ଆଏଲା ଉତ୍‌ରୁ ବୀମା ନାଇଁ କରିଥିବା ଆର୍ ନୁକ୍‌ସାନ୍ ସହିଥିବା ଚାଷୀମାନ୍‌କୁ ଭିଲ୍ ସାହାଜ୍ ଦେବାର୍‌କେ ରାଜ୍ୟ ସର୍‌କାର୍ ପ୍ରସ୍ତୁତି ମୁଲ୍ କରିଛନ୍ ବଲି ଶ୍ରୀ ପୂଜାରୀ କହିଛନ୍ । ମନ୍ତ୍ରୀ ଆହୁରି କହିଛନ୍ ଯେ, ଅଦିନିଆ ବର୍ଷାଥି ହେଇଥିବା ନୁକ୍‌ସାନ୍ ବିପର୍ଯ୍ୟୟ ଦାଏରା ଭିତ୍‌ରେ ଆନ୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ପ୍ରସ୍ତୁତି ମୁଲ୍ କରିଛନ୍ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍...

(ଭଏସ୍ ଓଭର୍- ରାଜସ୍ୱ ମନ୍ତ୍ରୀ)

ଆୟୁଷ୍ମାନ୍ ଭାରତ୍,ଜନଆରୋଗ୍ୟ ଯୋଜ୍ନା ହି.ସ.

ରାଏଜେ ଆଏବା ନୂଆବଛର୍‌ନୁ ଆୟୁଷ୍ମାନ୍ ଭାରତ୍ ଆଉ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍ନା ଲାଗୁ କରାଯିବା ବଲି ଆଏଜ୍ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଗଣମାଧ୍ୟମକେ ପ୍ରତିକ୍ରିୟା ଦେଇକରି ସେ କହିଛନ୍, ଆଏବା ଫେବୃଆରୀ ମାସ ପାଖାପାଖି ୧ କୋଟି ପରିବାର୍ ଇ ନୂଆଁ ଯୋଜ୍ନାର୍ ଲାଭ୍ ଉଠେଇପାର୍‌ବେ । ଇଥି ରାଜ୍ୟର୍ ସାଢ଼େ ୪ କୋଟି ଲୁକ୍‌କର୍ ଭିତ୍‌ରୁ ସାଢ଼େ ୩ କୋଟିନୁ ଅଏତ୍‌କା ଲୁକ୍‌କୁ ଇ ସ୍ୱାସ୍ଥ୍ୟ କାର୍ଡ୍ ଯୁଗେଇ ଦିଆଯିବା । ଇ ବାବ୍‌ଦେ କେନ୍ଦ୍ରୀୟ ଟିମ୍ ସର୍ଭେ କରିକରି ଫିରିଛନ୍ ଆଉ ଖୋବ୍ ଜଲ୍‌ଦି ରାଏଜେ ଯୋଜ୍ନା ଲାଗୁ କରାଯିବା ଆଉ ଇଥି କେହି ବାଦ୍ ନାଇଁ ପଡ଼ନ୍ ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ । ଏନ୍ତାକି ରାଜ୍ୟ ବାହାର୍‌କେ ଖଟି ଯାଇଥିବା ଦାଦନ୍ ଶ୍ରମିକ୍‌ମାନେ ଭିଲ୍ ଇ ଯୋଜ୍ନା ଲାଭ୍ ପାଇପାର୍‌ବେ । ୭୦ ବଛର୍‌ନୁ ଅଏତ୍‌କା ବୟସର୍ ସବୁ ଲୋକ୍ ଇ ଯୋଜ୍ନାର୍ ଲାଭ୍ ପାଇପାର୍‌ବେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ ।

ସୁଭଦ୍ରା ଆର୍‌ଏନ୍‌ୟୁ/ କଟକ୍

ସୁଭଦ୍ରା ଯୋଜ୍ନାର୍ ସହାୟତା ଟଙ୍କା ଆଏବା ବଛର୍ ୩ ଟା ଖେପେ ହିତାଧିକାରୀଙ୍କର୍ ଏକାଉଂଟ୍ଥି ଜମା ହେବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଆଏଜ୍ ଗଣମାଧ୍ୟମ୍ ସାଙ୍ଗେ ଆଲୋଚନା କଲାବେଲେ ଉପମୁଖ୍ୟମନ୍ତ୍ରୀ କହିଛନ୍ ଆଏବା ବଛର୍ ସବୁ ହିତାଧିକାରୀଙ୍କୁ ମାର୍ଚ୍ଚ ୮ ତାରିଖ୍ ଆଘୋନୁ ପହେଲା ଖେପର୍ ସହାୟତା ଟଙ୍କା ମିଲ୍ବା । ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଲା ଦିବସ୍ ଆର୍ ରାକ୍ଷୀପୁନି ଦିନ ଆଉ ୨ ଟା ଖେପର୍ ସାହାଜ୍ ଟଙ୍କା ଦିଆଯିବା । ଜାନୁଆରୀ ପହେଲା ହପ୍ତାଥି ସବୁ ତଥ୍ୟ ମିଲ୍ବାର୍ ଉତ୍ରୁ ଯୋଜ୍ନାନୁ ଯେନ୍ତା କେହି ବଂଚିତ୍ ନାଇଁ ହେବେ ତାର୍ ଉପ୍ରେ ପଦକ୍ଷେପ୍ ନିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ଆର୍ଏନ୍ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ୟୁନିଟ୍ ୫ ଠାନେ ଥିବା ଅଭିଯୋଗ ଶୁଣାଣି ପ୍ରକୋଷ୍ଠଠାନେ ଆଏଜ୍ ଜନସାଧାରଣଙ୍କର୍ ଭିନ୍ ଭିନ୍ ଅଭିଯୋଗ୍ର ଶୁଣାଣି କରିଛନ୍ । ଶୁଣାଣି ବେଲେ ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍, ଶିଳ୍ପ ମନ୍ତ୍ରୀ ସମ୍ପଦ୍ ସ୍ୱାଇଁ, ଜଙ୍ଗଲ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍

ରାମ୍ ସିଂ ଖୁଂଟିଆ ଆର୍ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ୍ ଦେଇକରି ଲୁକ୍‌କର୍ ଅଭିଯୋଗ୍‌ର ଶୁଣାଣି କରିଥିଲେ । ଭିନ୍ ଭିନ୍ ବିଭାଗ୍‌ର ବରିଷ୍ଠ ସଚିବ ଆର୍ ଅଧିକାରୀମାନେ ଭିଲ୍ ଉପସ୍ଥିତ୍ ଥିଲେ ।

ଛବିଲ ସାଏ ଶ୍ରଦ୍ଧାଞ୍ଜଳି          ସମ୍ବଲ୍‌ପୁର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ- ବୀର ସୁରେନ୍ଦ୍ର ସାଏଙ୍କର୍ ଭାଇ ଶହୀଦ୍ ବୀର ଛବିଲ ସାଏଙ୍କର୍ ବଳିଦାନ୍ ଦିବସ୍ ଉଧେ ଆଏଜ୍ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍‌ଥି ମୁଖ୍ୟମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମୀ ବୀର ଛବିଲ ସାଏଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି ସମ୍ବଲ୍‌ପୁର୍ ଜିଲ୍ଲା ରେଙ୍ଗାଲି ବ୍ଲକ୍ କୁଦୋପାଲି ଠାନେ ମାତୃଭୂମି ସୁରକ୍ଷା ଲାଗି ତାଙ୍କର୍ ବଳିଦାନ୍ ସବୁବେଲେ ମନେ ରହେବା ବଲି କହିଛନ୍ ।

ଇ ଉଧେ କୁଦୋପାଲି ଠାନେ ଆଏଜ୍ ସଖାଲ୍‌ବେଲା କୁଦୋପାଲି ବୀର୍ ଛବିଲ ସାଏ ସ୍ମୃତି କମିଟି ତର୍‌ଫୁ ଗୁଟେ ପଦଯାତ୍ରା ହେଇଥିଲା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ସହେତେ ବହୁବିଶିଷ୍ଟ ବ୍ୟକ୍ତି ଆର୍ ଜନସାଧାରଣ୍ ଗାଁନୁ ଶହୀଦ୍ ସ୍ଥଲ୍ କୁଦୋପାଲି ଘାଟିକେ ପଦଯାତ୍ରାଥି ଯାଇଥିଲେ । ତାର୍ ଉତ୍‌ରୁ ଶହୀଦ୍ ସ୍ଥଲ୍ ନ ଗୁଟେ ଶ୍ରଦ୍ଧାଞ୍ଜଳି ସଭା ହେଇଥିଲା । ଇଥି ଉଦ୍‌ବୋଧନ୍ ଦେଇକରି ମାତୃଭୂମିର ସୁରକ୍ଷା ଲାଗି ଇ ମହାନ୍

ସଂଗ୍ରାମୀଙ୍କର୍ ତ୍ୟାଗ, ନିଷ୍ଠା, ସେବା ମନୋଭାବ୍ ଯୁବ ସମାଜ୍‌କେ ସବୁବେଳେ ଅନୁପ୍ରାଣିତ କର୍‌ବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ । ସେ କହିଛନ୍....

(ଭଏସ୍ ଓଭର୍- କେନ୍ଦ୍ର ଶିକ୍ଷାମନ୍ତ୍ରୀ)

ଇ ଉଧେ ଜିଲ୍ଲା ପୁଲିସ୍ ତର୍‌ଫୁ ଶହୀଦ୍‌ମାନ୍‌କର୍ ଲାଗି ୨୧ ତୋପ୍ ସଲାମୀ ଦିଆଯାଇଥିଲା । କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ବିଧାୟକ୍ ଜୟନାରାୟଣ୍ ମିଶ୍ର, ଝାର୍‌ସୁଗୁଡ଼ା ବିଧାୟକ୍ ଟଙ୍କଧର ତ୍ରିପାଠୀ ଆର୍ ବହୁବିଶିଷ୍ଟ ବ୍ୟକ୍ତି ଉପସ୍ଥିତ୍ ଥିଲେ ।

ଇସ୍ରୋ ଉପଗ୍ରହ ଉତ୍‌କ୍ଷେପଣ ଏନ୍‌ଏସ୍‌ଡି

ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ-ଇସ୍ରୋ ଆଏଜ୍ ରାତି ମହାକାଶ୍‌କେ ଦୁଇଟା ଉପଗ୍ରହ ଉତ୍‌କ୍ଷେପଣ କର୍‌ବା । ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାଠାନେ ଥିବା ଇସ୍ରୋର ଉତ୍‌କ୍ଷେପଣ କେନ୍ଦ୍ରନୁ ପିଏସ୍‌ଏଲ୍‌ଭି ସି-୬୦ ମହାକାଶ ଜାନ୍‌ଥି ଦୁହି ଉପଗ୍ରହ ଏସ୍‌ଡିଏକ୍ସ-୦୧ ଆର୍ ଏସ୍‌ଡିଏକ୍ସ-୦୨କେ ମହକାଶକେ ପଠାଯିବା । ଇସ୍ରୋର୍ ଇ ଅଭିଯାନ୍ ମହାକାଶ୍ ଯାଉଥିବା ମହାକାଶ ଯାନ୍‌ର ପାର୍କିଂ ଆର୍ ସେନୁ

ଫିର୍‌ବାରଥି ସାହାଜ୍ କର୍‌ବା ବଲି ଇସ୍ରୋ ତର୍‌ଫୁ କୁହାଯାଇଛେ ।

ଶ୍ରୀମନ୍ଦିର୍- ବକୁଳ ଆମାବାସ୍ୟା ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର ଠାନେ ଆଏଜ୍ ବକୁଳ ଅମାବାସ୍ୟା ଲାଗି ଶ୍ରଦ୍ଧାଳୁଙ୍କର୍ ଭିଡ଼୍ ଲାଗିଥିଲା । ବିଧି ଅନ୍‌ସାରେ ସଖାଲ ଧୂପ ନୀତି ଉତ୍‌ରୁ ନାରାୟଣ ଠାକୁରଙ୍କୁ ସ୍ୱତନ୍ତ୍ର ପାଲିଙ୍କିଥି ମନ୍ଦିର୍‌ନୁ ମହୋଦଧିକେ ନିଆଯାଇଥିଲା । ସେନ ଆମାବାସ୍ୟା ଲାଗି ସାଗର୍ ବିଜେ ନୀତି ପରେ ଶ୍ରୀମନ୍ଦିର୍‌କେ ଫିରେଇ ଅନାଯାଇଥିଲା ।

ଜନଅଭିଯୋଗ୍ ଶୁଣାଣି ଶିବିର ଦେବ୍‌ଗଡ଼୍/ ବୌଦ୍ଧ/ ସୁବର୍ଣ୍ଣପୁର୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାନ ଆଏଜ୍ ମିଲିତ୍ ଜନଶୁଣାଣି ଶିବିର ହେଇଯାଇଛେ । ଜିଲ୍ଲାପାଲ୍ ଆର୍ ଏସ୍.ପି. ଶିବିରମାନ୍‌କେ ଉପସ୍ଥିତ୍ ରହିକରି ଅଭିଯୋଗ୍‌ମାନ୍‌କର୍ ସମାଧାନ୍ କର୍‌ବାର୍ ସହେତେ ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଡୁଙ୍ଗୁରିପାଲି ଠାନେ ଜିଲ୍ଲାପାଲ୍ ଆର୍ ଏସ୍.ପି.ଙ୍କର୍ ଜନଶୁଣାଣି ଶିବିର ହେଇଯାଇଛେ । ଇଥି ୫୬ ଟା

ଅଭିଯୋଗ୍ ପତ୍ର ଗ୍ରହଣ୍ କରାଯାଇଥିଲା । ତୁର୍ତି ସମାଧାନ୍ ଲାଗି ପଦକ୍ଷେପ୍ ନେବାର୍କେ ଜିଲ୍ଲାପାଳ୍ -ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଦେବ୍ଗଡ଼୍ ଜିଲ୍ଲାର୍ ବାର୍କୋଟ୍ ବ୍ଲକ୍ କଣ୍ଡେଲ୍ ପଂଚାୟତ୍ ଠାନେ ହେଇଥିବା ଜିଲ୍ଲାପାଳ୍ଙ୍କର୍ ଅଭିଯୋଗ୍ ଶୁଣାଣି ଶିବିରଥି ୪୪ ଟା ଅଭିଯୋଗ୍ ଗ୍ରହଣ୍ ହେଇଥିଲା । ଅଭିଯୋଗ୍ ମାନ୍କର୍ ସମାଧାନ୍ ଦିଗେ ତୁରତି ପଦକ୍ଷେପ୍ ନେବାର୍କେ ବିଭାଗୀୟ ଅଧିକାରୀମାନ୍କୁ ଜିଲ୍ଲାପାଳ୍ ନିର୍ଦ୍ଦେଶ୍ ଦେଇଛନ୍ ।

ବୌଦ୍ଧ ଜିଲ୍ଲାର୍ ହର୍ଭଙ୍ଗା ବ୍ଲକ୍ର ଧଳପୁର୍ ଠାନେ ହେଇଥିବା ଜନଶୁଣାଣି ଶିବିର୍ଥି ୪୦ ଟା ଅଭିଯୋଗ୍ର ତହାଲ୍ ସମାଧାନ୍ କରାଯାଇଛେ । ଇ ଶିବିର୍ଥି ୫୬ ଟା ଅଭିଯୋଗ୍ ଆସିଥିଲା ।

ସମ୍ବଲ୍ପୁର୍ ଡିଭିଜନ୍ ସମ୍ବଲ୍ପୁର୍ ସମ୍ବାଦଦାତା

ସମ୍ବଲ୍ପୁର୍ ଡିଭିଜନ୍ର ସମ୍ବଲ୍ପୁର୍-ବଲାଙ୍ଗିର୍ ସେକ୍ସନ୍ ଭିତ୍ରେ ଅପ୍ ଆଉ ଡାଉନ୍ ରେଲ୍ଲାଇନ୍ଥି ଶହେ ୪୦ କିଲୋମିଟର୍ ବେଗ ପରୀକ୍ଷା କରିକରି ମୋଟ୍ ୨ ଶହ ୩୬ କିଲୋମିଟର୍ ଦୂର୍ ପାର୍ କରିଛେ । ଗଲା ୨ ବଛର୍ ଭିତ୍ରେ ସମ୍ବଲ୍ପୁର୍ ରେଲ୍ମଣ୍ଡଲ୍ ନ ଟ୍ରେନ୍ର ବେଗ ୮୦ କିଲୋମିଟର୍ନୁ ଶହେ

୧୦ କିଲୋମିଟର୍‌କେ ବଢ଼ିଛେ ଆଉ ଏଛେନ୍ ଶହେ ୪୦ କିଲୋମିଟର୍ ବେଗ ହାସଲ୍ କରିପାରିଛେ । ଇ ସଫଲତା ଲାଗି ସମ୍ବଲ୍‌ପୁର୍ ଡିଭିଜନ୍ ଭିତ୍‌ରେ ଯାତ୍ରୀ ଆଉ ମାଲ୍ ପରିବହନ୍ ସେବାଥି ଉନ୍ନତି ଆନ୍‌ବା । ଇ ସଫଲତା ଆଏବା ବଛ୍‌ରେ ରେଲ୍ ଭିତିଭୂମି ଆର୍ ସେବାଥି ଆହୁରି ଉନ୍ନତି ଲାଗି ଗୁଟେ ବର୍‌କସ୍ ଭିତିଭୂମି ବନେଇଛେ ।

ବୌଦ୍ଧ ମହୋତ୍ସବ୍ ରଥ ଶୁଭାରମ୍ଭ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଠାନେ ଆଏବା ୨ ତାରିଖ୍‌ନୁ ମୁଲ୍ ହେବାର୍‌କେ ଥିବାର୍ ବୌଦ୍ଧ ମହୋତ୍ସବ୍‌ର ପ୍ରଚାର୍ ପ୍ରସାର୍ ଲାଗି ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଠାନେ ମହୋତ୍ସବ ଆର୍ ପଲ୍ଲିଶ୍ରୀ ମେଲା ରଥର୍ ଶୁଭାରମ୍ଭ କରାଯାଇଛେ । ଜିଲ୍ଲାପାଲ୍ ସୁବ୍ରତ ପଣ୍ଡା  ରଥର୍ ଶୁଭାରମ୍ଭ କରିଥିଲେ । ଇ ରଥ ସାରା ଜିଲ୍ଲା ବୁଲିକରି ମହୋତ୍ସବ୍‌ର ପ୍ରଚାର୍ ପ୍ରସାର୍ କର୍‌ବା । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାସ୍ତରୀୟ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ର ଆଏଜ୍ ୩ ନମ୍ବର୍ ଦିନେ ୟୁପି ରୁଦ୍ରାସ ଆର୍ ବେଦାନ୍ତ କଲିଙ୍ଗ ଲେନସର୍ସ ଦଲ୍ ଭିତ୍‌ରେ ରାଉର୍‌କେଲା ଠାନେ ମେଚ୍ ହେବା । ରାତିର୍ ୮ ବାଜିକରି **୧୫** ମିନିଟ୍‌ଥି ଖେଲ୍ ମୁଲ୍ ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ଦେଶର୍ ପୂର୍ବ ଭାଗ୍‌ନ ହେଇଥିବା ଗୁରୁଚାପ୍ ବଲୟ ପଂଚିମ ମୁହାଁ ହେଇଥିବାର୍‌ନୁ ରାଏଜେ ଥଣ୍ଡା ପବନ୍ ବୁହିବାର୍ ମୁଲ୍ ହେଇଛେ । ଇତାର୍‌ବଲେ ଆଏଜ୍‌ଠାନୁ ଫେର୍‌ଘାଏ ଶୀତ୍ ବଢ଼ିଛେ । ଆଏବା କାଏଲ୍ ଭିଲ୍ ପାଗ୍ ଏନ୍ତା ରହେବା । ସମ୍ବଲ୍‌ପୁର୍, ବର୍‌ଗଡ୍, ବଲାଙ୍ଗିର୍, ନୂଆପଡ଼ା, କେନ୍ଦୁଝର୍, ମୟୁର୍‌ଭଞ୍ଜ୍ ଜିଲ୍ଲା ନ କମ୍ ନୁ ମଧ୍ୟମ୍ ଧରଣ୍‌ର କୁହୁଡ଼ି ଦେଖାଯିବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।